## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ ବେଳେ ୨ ଟ୍ରାକ୍ଟର ଜବତ
#### ଗୋଟିଏ ଗାଡି ଫେରାର



ଗୁଣପୁର,୨୮।୮(ଡି.ଏନ୍.ଏ)-ଗୁଣପୁରରୁ ଆନ୍ଧ୍ର ବାଲି ଚୋରାଚାଲଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ବୁଧବାର ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପୁରୁଣା ଗୁଣପୁର ଛକରେ ଧରିଥିଲେ। ଗାଡି ଦୁଇଟିର ଡ୍ରାଇଭରଙ୍କୁ ଅଫିସ ନିକଟକୁ ଆସିବାକୁ କହିଥିବାବେଳେ ଗୋଡିଏ ଗାଡି ଆସିଥିଲା ଏବଂ ଅନ୍ୟଟି ଫେରାର ହୋଇ ଯାଇଥିଲା। ସେହିଭଳି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଟ୍ରାକ୍ଟରଟିର ନମ୍ବର ନ ଥିବା ସୂଚନା ମିଳିଛି।

### ଦୁର୍ଗାପୂଜା ପାଇଁ ଭୂମିପୂଜନ



ଜେକେପୁର, ୨୮।୮-ଜେକେ କାଗଜକଳ ପୂଜା କମିଟି ଆନୁକୂଲ୍ୟରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ବୁଧବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜା କମିଟି ସମ୍ପାଦକ ସୁନନ୍ଦୀପ ପାଣ୍ଡେ, ଏଚ୍‌ଆର୍‌ଆଣ୍ଡଆଇଆର୍ ବିଭାଗ ଜେନେରାଲ ମ୍ୟାନେଜର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜେକେ କାଗଜକଳ ମଙ୍ଗଳ ବିଭାଗ ମୁଖ୍ୟ ପ୍ରବନ୍ଧକ ରଞ୍ଜିତ ଦାସଙ୍କ ତତ୍ତ୍ୱାବଧାନରେ ପୂଜା କାମ ସମ୍ପାଦିତ ହୋଇଛି। ଏଥିରେ ଉତ୍ପାଦ ବିଭାଗ ଉପସଭାପତି ବିନୟ ଦ୍ୱିବେଦୀ, ବାଣିଜ୍ୟ ବିଭାଗ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା



ବିଷମକଟକ, ୨୮।୮ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ ବିଷମକଟକ ବିଧାୟକ ତଥା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୋଜନା ବୋର୍ଡ ସଦସ୍ୟ ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଜି.ମନ୍ମଥ ରାଓ, ଡ.ପଦ୍ମାଶ୍ରୀ ସାହୁ, ଯୁକ୍ତ ଦୁଇ କଲେଜ ଅଧକ୍ଷ ସୁଦର୍ଶନ ରଥ ଏବଂ ଯୁକ୍ତ ତିନି କଲେଜ ଅଧକ୍ଷ ଲ୍ୟୁଟନାଣ୍ଟ ବି.ରବିଶଙ୍କର ଅତିଥିଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧାପକ ଅଶ୍ୱିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟରେ କଟାଇଥିବା ଛାତ୍ର ଜୀବନର ଅନୁଭବକୁ ବିଧାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ବାଣ୍ଟିଥିଲେ। ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଉପସ୍ଥିତ ଥିଲେ।

## ■ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା
# ଗ୍ରାମାଞ୍ଚଳରୁ ବେରୋଜଗାରି ହଟାଇବା ଲକ୍ଷ୍ୟ

ରାୟଗଡ଼ା ଅଫିସ୍, ୨୮।୮

ଜିଲା ପ୍ରଶାସନ ଓ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ର ଏକ ଜିଲାସ୍ତରୀୟ କର୍ମଶାଳା ବୁଧବାର ଡିଆର୍‌ଡିଏ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ବେରୋଜଗାରି ହଟାଇବା, ଅନୁନ୍ନତ ଅଞ୍ଚଳରେ ଥିବା ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟମାନଙ୍କ



ଅତିଥି ସୁଶିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମଧ୍ୟରେ ଡିଆରଡିଏ ପିଡି ଅମ୍ରିତ ରତୁରାଜ, ଓରମାସ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକାନ୍ତ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖରୁ ପ୍ରତି ଗ୍ରାମର ବେକାର ଯୁବତୀ ଯୁବକଙ୍କୁ ଚିହ୍ନଟ କରାଯିବ। ପରେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ତାଲିମ ଦିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ତାଲିମ ସମୟରେ ଉକ୍ତ ଯୁବତୀ ଯୁବକଙ୍କ ନିମନ୍ତେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଗାଁକୁ ସାମିଲ କରାଯିବ। ସମସ୍ତ କାର୍ଯ୍ୟ ଠିକ୍ ଭାବେ କରିବାକୁ ଜିଲାପାଳ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନାରେ ତାଲିମ ପାଇ ରାମନାଗୁଡାର ସୁଶିଲା ଶବର ବାଙ୍ଗଲୋରର ଏକ କମ୍ପାନୀରେ କାମ କରୁଛନ୍ତି। ତାଙ୍କୁ ଜିଲାପାଳ ଅଭିନନ୍ଦନ ଜଣାଇଥିଲେ। ତାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି ଯୋଜନାରୁ ତାଲିମ ନେଇ ଅନ୍ୟମାନେ ମଧ୍ୟ ଆତ୍ମନିର୍ଭରଶୀଳ ହେବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତ୍ୟେକ ବ୍ଲକର ଏବିଡିଓମାନେ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢାଉ, ୧୦ ଗିରଫ
## ୨୯ ହଜାର ଟଙ୍କା, ୧୧ ମୋବାଇଲ, ୬ ବାଇକ, ଅଟୋ ଜବତ


ପୋଲିସ ଗହଣରେ ଗିରଫ ଅଭିଯୁକ୍ତମାନେ।

ଗୁଣପୁର,୨୮।୮(ଡି.ଏନ୍.ଏ.)

ଗୁଣପୁର ପୋଲିସ ଓ ରାମନାଗୁଡା ଫାଣ୍ଡି ପୋଲିସ ବୁଧବାର ସନ୍ଧ୍ୟାରେ ମିଳିତଭାବେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୧୦ ଜୁଆଡିଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରଜନୀକାନ୍ତ ଚୌଧୁରୀ, ସିମାଦ୍ରୀ ନାଗରାଜୁ, ତପନ ପାତ୍ର, ଇ.ମହୋନ ରାଓ, ଜେ.ସୁନିଲ, ଶାନ୍ତନୁ ପଣ୍ଡା, ରାଜେନ୍ଦ୍ର ପୁରୁଷୋତ୍ତମ, ମକରଧ୍ୱଜ ଧୋବା, ଚକ୍ରଧର ପାଲକା ଏବଂ ତାଙ୍ଗୁଡୁ ସୁରି ନାରାୟଣା। ସେମାନଙ୍କଠାରୁ ୨୯ହଜାର ଟଙ୍କା ସହ ୧୧ ମୋବାଇଲ, ୬ ବାଇକ୍ ଏବଂ ଗୋଟିଏ ଅଟୋ ଜବତ କରାଯାଇଥିବା ଏସ୍‌ଡିପିଓ ରାଜ କିଶୋର ଦାସ ସୂଚନା ଦେଇଛନ୍ତି। ପ୍ରକାଶଯେ, ରାମନାଗୁଡା ବ୍ଲକ ଗୁଲୁଣ୍ଡି ଜଙ୍ଗଲରେ ଜୁଆ ଖେଳ ଚାଲୁଥିବା ପୋଲିସ ଖବର ପାଇ ଚଢାଉ କରିଥିଲା। ଏହି ଚଢାଉରେ ଏସ୍‌ଡିପିଓ ଦାସଙ୍କ ସମେତ ଗୁଣପୁର ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ, ଏଏସ୍‌ଆଇ ଚନ୍ଦ୍ର ଶେଖର ଜେନାଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଏସଡିପିଓ ଦାସ ସୂଚନା ଦେଇଛନ୍ତି।

## ■ ଶିକ୍ଷାସନ୍ଧାନ ଅନୁଷ୍ଠାନର ସଚେତନତା ସଭା
# 'ଶିକ୍ଷା, ସ୍ୱାସ୍ଥ୍ୟ ଆମ ଗଣତାନ୍ତ୍ରିକ ଅଧିକାର'

ମୁନିଗୁଡ଼ା, ୨୮।୮(ଡି.ଏନ୍.ଏ.)

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଦେଶର ପ୍ରତ୍ୟେକ ନାଗରିକଙ୍କର ସମାନ ଅଧିକାର ରହିଛି। ସର୍ବନିମ୍ନ ମୌଳିକ ଆବଶ୍ୟକତା ମଧ୍ୟରୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଗଣତାନ୍ତ୍ରିକ ଅଧିକାର ଭିତ୍ତିରେ ତାହା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ସାର୍ବଜନୀନ ହୋଇ ପାରିନାହିଁ। ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଆଭିମୁଖ୍ୟ ନେଇ ଶିକ୍ଷାସନ୍ଧାନ ଅନୁଷ୍ଠାନ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଶିବପଦର ପଞ୍ଚାୟତ ଅଧୀନ କେବଡ଼ତୁଲା ଗାଁରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ପ୍ରକଳ୍ପ ସଂଯୋଜକ ଡ. ଚନ୍ଦନ କୁମାର ସିଂହଙ୍କ ଦ୍ୱାରା ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ


କେବଡ଼ତୁଲା ଗାଁରେ ବୈଠକ ଚାଲିଛି।

ଅନନ୍ତ କୁମାର ସାମନ୍ତ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଜନମଙ୍ଗଳ ରାଷ୍ଟ୍ରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ସମ୍ପ୍ରଦାୟ ଏବଂ ଆଞ୍ଚଳିକତା ନିର୍ବିଶେଷରେ ଶିକ୍ଷା ସହ ସ୍ୱାସ୍ଥ୍ୟସେବା ଗଣତାନ୍ତ୍ରିକ ଅଧିକାରଭୁକ୍ତ ହୋଇଥିବାରୁ ତାହା ହାସଲ କରିବା ଅନିବାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ବିଡିକା, ତ୍ରିପତି କିଲାକା, ସୁବାସ କୁରେସିକା, ଯୋଶେଫ ନାଗ, ବିଜୟ ମଲ୍ଲିକ ଉପସ୍ଥିତ ଥିଲେ। ଜିଲାର ଅନ୍ୟସ୍ଥାନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ପ୍ରକଳ୍ପ ସଂଯୋଜକ କହିଛନ୍ତି।

### ଆଇଟିଆଇ କଲେଜ ବୁଲିଲେ ସ୍କୁଲ ଛାତ୍ରୀଛାତ୍ର



ଦୁର୍ଗୀ, ୨୮।୮

ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବୁଧବାର ଗଜାବାହଲସ୍ଥିତ ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର(ଆଇଟିଆଇ) ପରିଦର୍ଶନରେ ଯାଇଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ତ୍ରାମ୍ପାପୁ, ବିଜ୍ଞାନ ଶିକ୍ଷକ ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ୫୨ଜଣ ଛାତ୍ରୀଛାତ୍ର ଏହି ପରିଦର୍ଶନରେ ଯାଇଥିଲେ। ସେଠାରେ ଲାଗିଥିବା ଯନ୍ତ୍ରାଂଶ ବିଷୟରେ ପିଲାମାନେ ଜ୍ଞାନ ଆହରଣ କରିଥିଲେ।

### ୪.୬କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ

ବିଷମକଟକ, ୨୮।୮

ମୁନିଗୁଡ଼ା ଥାନା ଅଧୀନ ରେଳଷ୍ଟେଶନ ନିକଟ ରାସ୍ତାରେ ବିଷମକଟକ ଅବକାରୀ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚୋରାଚାଲଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୁଜୁରାଟ ଅହମଦାବାଦ୍‌ର ମହମ୍ମଦ ସରିଫ୍ (୪୨)। ତାଙ୍କ ନିକଟରୁ ୪.୬ଶହ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ୪୨/୧୯ରେ ମାମଲା ରୁଜୁ କରାଯାଇଛି। ବିଷମକଟକ ଅବକାରୀ ଅଧିକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ପ୍ରମୋଦ କୁମାର ବାଣୁଆ, ଅବକାରୀ ନିରିକ୍ଷକ ଇନ୍ଦ୍ରଜିତ ସାହୁ, ଏଏସ୍‌ଆଇ ତ୍ରିନାଥ ଚିନଗଡ଼ା, ଦିବାକର ମହାପାତ୍ର, ରାଶୀ ନାଏକ, ସନ୍ତୋଷ ସେଠୀ, କରୁଣାକର ପାତ୍ର, ପାଳକିଆ ଆପିଆ, ଯଶୋବନ୍ତ ଶବର, ଖ୍ରୀଷ୍ଟ ଦାଶ ବେବର୍ତ୍ତା ଏହି ଚଢାଉରେ ସାମିଲ ଥିଲେ।

## ■ ଆମ ପୋଲିସ ବୈଠକ
# ଜନତା-ପୋଲିସ ସମନ୍ୱୟକୁ ଗୁରୁତ୍ୱ

ଜେକେପୁର, ୨୮।୮



ବୈଠକରେ ଉପସ୍ଥିତ ପୋଲିସ।

ଚାନ୍ଦିଲି ଥାନାରେ ବୁଧବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଏସ୍‌ଡିପିଓ ତପନ କୁମାର ରଥ ଓ ସମ୍ମାନିତ ଅତିଥିଭାବେ ଚାନ୍ଦିଲି ଥାନା ଭାରପ୍ରାପ୍ତ ଅଧିକାରୀ ଅଜିତ୍ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଚାନ୍ଦିଲି ଥାନା ଅଞ୍ଚଳରେ ଘଟୁଥିବା ଚୋରି, ଡକାୟତି, ଟ୍ରାଫିକ ସମସ୍ୟା, ଦ୍ରୁତ ଗତିରେ ଗାଡି ଚାଳନାରେ ସୁଧାର ଆଣିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ, ସାମାଜିକ କର୍ମୀ ଓ ପୋଲିସ ସମନ୍ୱୟ ରକ୍ଷା କରି କାମ କଲେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାଛଡ଼ା ରାସ୍ତାରେ ଗାଇଗୋରୁଙ୍କୁ ନ ଛାଡ଼ିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ପି.ରାମୁଲୁ, ଜିଲାପରିଷଦ ସଭ୍ୟ ପି.ଗୌରୀଶଙ୍କର ରାଓ, ପୂର୍ବତନ ସରପଞ୍ଚ ପି.ସି. ପରାମ, ଭାଜପା ଜିଲା ଉପସଭାପତି ହଳଧର ମିଶ୍ର, ଜେକେ କାଗଜ କଳ ପିଆର୍‌ଓ ଏସ୍‌କେ ନାଥ, ମାର୍କେଟିଂ ସଂଘ ସଭାପତି ଜିତେନ୍ଦ୍ର କୁକ୍ରେଜା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇଆଇସି ଅଜିତ୍ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଥେରୁବାଲି ଫାଣ୍ଡି ଅଧିକାରୀ ତପନ କୁମାର ମାହାଲି ଧନ୍ୟବାଦ ଦେଇଥିଲେ।

# ନାଟ୍ୟବେଦ ପୁରସ୍କାର ଉତ୍ସବ

ରାୟଗଡ଼ା ଅଫିସ୍, ୨୮।୮

ଇ-ମାର୍ଟ କଳା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଚଳିତ ବର୍ଷର ନାଟ୍ୟବେଦ ପୁରସ୍କାର ବିତରଣ ଉତ୍ସବ ବୁଧବାର ସ୍ଥାନୀୟ ବିମ୍‌ସି କ୍ରିଷ୍ଣା ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ୟସ୍ତବହୁଳ ଜୀବନରେ ସଂସ୍କୃତି ଏବଂ ପରମ୍ପରାକୁ ଆମେ ଭୁଲିଯାଉଛେ। ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ସଂସ୍କୃତି, ପରମ୍ପରାକୁ ମନେପକାଇ ପାରୁଛେ। ସେହିଭଳି ଏହା ପରବର୍ତ୍ତୀ ପିଢି ନିକଟକୁ ଯାଉଛି। ପିଲାମାନେ ଏଥିରେ ସାମିଲ ହୋଇ ଖୁସି ଅନୁଭବ କରୁଛନ୍ତି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଆଲୁମିନାର ଜେନେରାଲ


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ମ୍ୟାନେଜର ଡ. ଲୋପାମୁଦ୍ରା ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ। ଇ-ମାର୍ଟ ସଭାପତି ପ୍ରଣବ ପ୍ରକାଶ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ଡ. ନରେନ୍ଦ୍ର ମିଶ୍ର, ହାସ୍ୟ କଳାକାର ଟୁନା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଜୁଲାଇ ୨୧ରୁ ୨୬ ପର୍ଯ୍ୟନ୍ତ ନାଟ୍ୟ, ଚିତ୍ରାଙ୍କନ, ଅଭିନୟ, ସଙ୍ଗୀତର ଅଡିସନ ଚାଲିଥିଲ। ୨୦୦ ଜଣ ଭାଗ ନେଇଥିଲେ। ସେଥିରୁ ୩୦ ଜଣ ପିଲା ଫାଇନାଲରେ ପହଞ୍ଚିଥିଲେ। କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ସେଣ୍ଟ ଜାଭିୟର୍ସ ସ୍କୁଲ ପକ୍ଷରୁ ସବୁଜ ଶୋଭାଯାତ୍ରା
# ଚାରାରୋପଣ ସମ୍ବନ୍ଧରେ ସଚେତନ କଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ରାୟଗଡ଼ା ଅଫିସ୍, ୨୮।୮

ରାୟଗଡ଼ା ସଦର ବ୍ଲକ ଭାକୁରଗୁଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ବୁଧବାର ଏକ ସବୁଜ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସବୁଜ ପୋଷାକ ପରିଧାନ କରି ଶୋଭାଯାତ୍ରାରେ ବାହାରି ଚାରାରୋପଣ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ଗୌରୀଶଙ୍କର, ସାମାଜିକ କର୍ମୀ ପରବିନ୍ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ପକ୍ଷ, ବନ ମହୋତ୍ସବ, ଚାରାରୋପଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷା ସୁନୀତା ରାଓ, ପ୍ରଧାନଶିକ୍ଷକ ରମେଶ ପଟ୍ଟନାୟକଙ୍କ ସମେତ ନବମ, ଦଶମ ଶ୍ରେଣୀ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଆଇନସେବା ପ୍ରାଧିକରଣର ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ରାୟଗଡ଼ା ଅଫିସ୍, ୨୮।୮

ରାୟଗଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ, ଡିବେଟ୍, ଚିତ୍ରାଙ୍କନ ଓ କ୍ଷୁଦ୍ରନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରାୟଗଡ଼ା ଅଶୋକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲା ଦୌରାଜଜ୍ ସୋମଶେଖର ଜେନା ଉଦ୍‌ଘାଟନ କରିଥିଲେ। ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ଅତିଥିଭାବେ ଉପସ୍ଥିତ ଥିଲେ। ଷ୍ଟୁଡେଣ୍ଟ ଲିଟେରାସି କ୍ଲବ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରବନ୍ଧ ଲିଖନ ବିଭାଗରେ ଜବାହାର ନବୋଦୟ ବିଦ୍ୟାଳୟର ସବିନ୍ଦ୍ର ଶବର, ଡିବେଟ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟର ସୌମ୍ୟାଶ୍ରୀ ଦୋରା, ଚିତ୍ରାଙ୍କନରେ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ଉଦୟ ମାଣ୍ଡାଙ୍ଗି ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ସାକ୍ରେଡ ହାଇସ୍କୁଲ ପ୍ରଥମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ସେପ୍ଟେମ୍ବର ମାସରେ କୋରାପୁଟରେ ହେବାକୁ ଥିବା ଜୋନସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ପ୍ରତିଯୋଗିତାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ୧୪ ବର୍ଷରେ ୧୬ଜଣ ବିଡିଓ
## ନୂତନ ବିଡିଓ ଭାବେ ଶାନ୍ତିପ୍ରଭା ପ୍ରଧାନ ନିଯୁକ୍ତ

ଗୁଣପୁର,୨୮।୮(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକର ବିଡିଓ ଭାବେ ଶାନ୍ତିପ୍ରଭା ପ୍ରଧାନଙ୍କୁ ବୁଧବାର ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେ ବର୍ତ୍ତମାନ ନବରଙ୍ଗପୁର ବ୍ଲକ କଷାଗୁମୁଡା ବିଡିଓ ଭାବେ କାର୍ଯ୍ୟରତ ଅଛନ୍ତି। ଗୁଣପୁର ବ୍ଲକରେ ଶାନ୍ତିପ୍ରଭା ପ୍ରଧାନ କାର୍ଯ୍ୟରେ ଯୋଗ ଦେବାପରେ ସେ ୧୪ ବର୍ଷ ମଧ୍ୟରେ ୧୬ ନମ୍ବର ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିବେ। ବିଭିନ୍ନ ସମୟରେ ଲୋକପ୍ରତିନିଧି ଓ ବିଓଡଙ୍କ ମଧ୍ୟରେ ବିବାଦ ଯୋଗୁ ଗୁଣପୁରରେ ଏଭଳି ଅବସ୍ଥା।

ପୂର୍ବରୁ ଶାନ୍ତିପ୍ରଭା ପ୍ରଧାନ କୋଲନରା ବ୍ଲକ ବିଡିଓ ରହିବା ସହ ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ମଧ୍ୟ ରହିଥିଲେ। ଗୁଣପୁର ବ୍ଲକରେ ବିଗତ ଦିନରେ ଲୋକ ପ୍ରତିନିଧି ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଯୋଗୁ ଏଠାରୁ ବିଡିଓମାନଙ୍କୁ ବଦଳି ହେବାକୁ ପଡିଛି। ସେହି ଧାରାରେ ଶାନ୍ତିପ୍ରଭା ମଧ୍ୟ ଯୋଡି ହୋଇ ଯିବେନି ତ ବୋଲି ଆଶଙ୍କା ପ୍ରକାଶ। ବର୍ତ୍ତମାନ ଗୁଣପୁର ବ୍ଲକର ବିଡିଓ ଭାବେ ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଗତ ୨୧ ତାରିଖରେ ବିଡିଓ ପ୍ରଧାନ ସମିତିର ବୈଠକ କରିଥିଲେ। ହେଲେ କୋରମ ନ ଥିବାବେଳେ ବୈଠକ କିପରି ହୋଇଥିଲା ସେ ନେଇ ଅଭିଯୋଗ ଉଠାଇଥିଲେ ସମିତି ସଭ୍ୟ ଶ୍ରୀଧର ଶବର। ଏହାକୁ ନେଇ ଜିଲାପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ ଏବଂ ଶ୍ରୀଧରଙ୍କ ମଧ୍ୟରେ ହାତାହାତି ହେବା ସହ ମାମଲା ଯାଇ ଥାନାରେ ପଡିଥିଲା।

### ଗୁଣପୁର ବ୍ଲକ

ବିଡିଓ ପ୍ରଧାନଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ବୈଠକରେ ଗଣ୍ଡୋଗଳ ଏବଂ ମାରପିଟ ହୋଇଥିବା ବୋଲି ଅଭିଯୋଗ ହୋଇଛି। ଏହାଦ୍ୱାରା ବିଡିଓ ଅଗସ୍ତି ପ୍ରଧାନ ମଧ୍ୟ ବିବାଦରେ ଛନ୍ଦି ହୋଇ ପଡିଥିଲେ। ସେହଭଳି ଗୁଣପୁରର ସ୍ଥାୟୀ ବିଡଓ ଭାବେ ଗାୟତ୍ରୀ ଦେବୀ ୧୯ ଜାନୁୟାରୀ ୨୦୧୮ରେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ଷେ ନ ପୁରୁଣ ସେ ମଧ୍ୟ ବିବାଦରେ ଛନ୍ଦି ହୋଇ ଯାଇଥିଲେ। ୨୦୧୮ ଡିସେମ୍ବର ୧୨ରେ ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ ବିଡିଓଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରିବା ସହ ଘେରାଉ କରିଥିଲେ। ଏହାକୁ ନେଇ ଜିଲା ପରିଷଦ ସଭ୍ୟ ଅଶ୍ୱିନି ଏବଂ ବ୍ଲକ ଉପାଧକ୍ଷ ଏସୋ ଶବରଙ୍କ ମଧ୍ୟରେ କଥା କଟାକଟି ହେବା ସହ ମାମଲା ଯାଇ ଥାନାରେ ପହଞ୍ଚି ଥିଲା। ଅଶ୍ୱିନୀ ବିଡିଓଙ୍କୁ ଅସଦ୍ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏପରି ବିବାଦ ଦେଖାଦେବା ପରେ ବିଡିଓଙ୍କୁ ଡିସେମ୍ବର ୧୩ ତାରିଖରେ ମାଲକାନିଗିରି ଜିଲାକୁ ଏପିଡି ଭାବେ ବଦଳି କରାଯାଇଥିଲା। ହେଲେ ନିର୍ବାଚନ ପାଇଁ ସେ ଏଠାରୁ ଯାଇ ନ ଥିଲେ। ନିର୍ବାଚନ ସରିବା ପରେ ଜିଲାପାଳ ୨୦୧୯ ଜୁନ ୧୩ ତାରିଖରେ ବିଡିଓ ଗାୟତ୍ରୀ ଦେବୀଙ୍କୁ ରିଲିଭ କରିଥିଲେ। ଏପରି ବିଭିନ୍ନ ସମୟରେ ଗୁଣପୁର ବ୍ଲକରେ ଗତ ୧୪ ବର୍ଷରେ ୧୬ ଜଣ ବିଡିଓ କାର୍ଯ୍ୟ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଅଗଷ୍ଟ ୨୯/୨୦୧୯ Rayagada, Thursday, August 29 / 2019

## ସଂକ୍ଷେପରେ



### କେସିସି ବ୍ୟାଙ୍କ ନୂତନ କୋଠା ଉଦ୍‌ଘାଟିତ

**ଲକ୍ଷ୍ମୀପୁର/ଜୟପୁର,୨୮।୮(ଡି.ଏନ୍.ଏ.):** ଲକ୍ଷ୍ମୀପୁରଠାରେ ମଙ୍ଗଳବାର କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପୁରାତନ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇ ନୂତନ ଭବନ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ପରିଚାଳନା କମିଟି ସଭାନେତ୍ରୀ ଡ. ଇନ୍ଦିରା ନନ୍ଦ ଏହାର ଶୁଭାରମ୍ଭ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟ ସମବାୟ ସଭାପତି ହେମନ୍ତ ନାୟକ, ସମବାୟ ବିଭାଗ ଉପନିବନ୍ଧକ ସି.ଏଚ୍. ଭବାନୀପ୍ରସାଦ, କେସିସି ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲ ଉପସ୍ଥିତ ଥିଲେ। କେସିସି ବ୍ୟାଙ୍କର ୪ଟି ଲ୍ୟାମ୍ପସ ତଥା ନାରାୟଣପାଟଣା, ବନ୍ଧୁଗାଁ ବ୍ଲକର ଆଲମଣ୍ଡା ଲ୍ୟାମ୍ପସ, ଲକ୍ଷ୍ମୀପୁର, କାକିରିଗୁମ୍ମା ଅଞ୍ଚଳର ଚାଷୀମାନେ ସ୍ୱଳ୍ପ ସୁଧହାରରେ ଋଣ ପାଇ ଉପକୃତ ହେବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ପ୍ରତିଶତ ସୁଧହାରରେ ଋଣ ଦିଆଯାଇଥିଲା। ରାଜ୍ୟ ସମବାୟ ବିଭାଗ ସଦସ୍ୟ ରାଧେଶ୍ୟାମ ଜାନି, କେସିସି ବ୍ୟାଙ୍କ ସଭ୍ୟ ରମାକାନ୍ତ ରାଉଳ, ରାଜକିଶୋର ନାୟକ, ମହେନ୍ଦ୍ର କୁଲଦୀପ, କାକିରିଗୁମ୍ମା ଲ୍ୟାମ୍ପସ ସଭାପତି ପଞ୍ଚାନନ ସାଉନ୍ତା, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରୀ, ଲକ୍ଷ୍ମୀପୁର କେସିସି ବ୍ୟାଙ୍କ ଶାଖା ପରିଚାଳକ ରବୀନ୍ଦ୍ରନାଥ ଶତପଥୀ, ସୁରେଶ ନାୟକ ପରିଚାଳନା କରିଥିଲେ।

### ଅନୀତାଙ୍କ ଚିକିତ୍ସା, ପାଠପଢ଼ା ଦାୟିତ୍ୱ ନେବ ପ୍ରଶାସନ

**ଦଶମନ୍ତପୁର,୨୮।୮(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ୍ ପିଣ୍ଡାପଦର ବରଗଛ ଗ୍ରାମର ଅସହାୟା ଲବାଇ ମୁଦୁଲି ଅର୍ଥ ଅଭାବ ଯୋଗୁ ୮ବର୍ଷୀୟା ଝିଅ ଅନୀତାର ଚିକିତ୍ସା କରିପାରୁନାହାନ୍ତି। ଏନେଇ 'ଚିକିତ୍ସାରେ ଅର୍ଥ ସାଜିଛି ବାଧକ' ଶୀର୍ଷକ ଖବର ଗତ ୧୮ ଅଗଷ୍ଟରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହାପରେ ବୁଦ୍ଧିଜୀବୀ ଦିବସ କୁମାର ସାହୁ ଅନୀତାଙ୍କୁ ମାଗଣା ଚିକିତ୍ସା ସୁବିଧା, ହଷ୍ଟେଲ୍‌ରେ ପାଠପଢ଼ା ସହାୟତା ଯୋଗାଇଦେବା ପାଇଁ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲାପାଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କୁ ନିବେଦନ କରିଥିଲେ। ଏହାପରେ ଜିଲାପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଅନୀତାଙ୍କ ଉତ୍ତମ ଚିକିତ୍ସା ବ୍ୟବସ୍ଥା ପାଇଁ ୨୧ ତାରିଖରେ ଚିଠି ନଂ. ୧୨୬୫/ଏକ୍ସ-ଆଇ୯/୨୦୧୯ରେ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ତାଙ୍କ ପରିବାରକୁ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାଗଣା ଶିକ୍ଷା ପାଇଁ ନିକଟସ୍ଥ ହଷ୍ଟେଲ୍ ସୁବିଧା ରହିଥିବା ସ୍କୁଲରେ ବ୍ୟବସ୍ଥା କରିବା ପାଇଁ ଡିଡ଼ବ୍ଲ୍ୟୁଓଙ୍କୁ ମଧ୍ୟ କୁହାଯାଇଛି।

'ଧରିତ୍ରୀ' ପ୍ରଭାବ

### ବୈପାରୀଗୁଡ଼ାରେ ଯୋଗଦେବେ ନୂତନ ବିଡିଓ, ସହକାରୀ ଯନ୍ତ୍ରୀ

**ବୈପାରୀଗୁଡ଼ା,୨୮।୮(ଡି.ଏନ୍.ଏ.):** ଦୀର୍ଘଦିନ ହେବ ଖାଲି ପଡ଼ିଥିବା ବୈପାରୀଗୁଡ଼ା ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ଯନ୍ତ୍ରୀ ପଦବୀରେ ଖୁବ୍ ଶୀଘ୍ର ନୂଆ ଅଧିକାରୀ ଯୋଗଦେବାକୁ ଯାଉଥିବା ଜଣାପଡ଼ିଛି। ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । କୋରାପୁଟ ଡେପୁଟି କଲେକ୍ଟର ଥିବା ସବ୍ୟସାଚୀ ବେହେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ମାଲକାନଗିରି ଜିଲାରୁ ସହକାରୀ ଯନ୍ତ୍ରୀ ଭାବେ କୃପାସିନ୍ଧୁ ବେହେରା ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଛି । ଏଠାରେ ସୂଚନାଯୋଗ୍ୟ ଏହି ଦୁଇ ପଦବୀ ବହୁ ଦିନ ହେବ ଖାଲି ଥିଲା । ଏ ସଂକ୍ରାନ୍ତରେ ବୁଧବାର 'ଧରିତ୍ରୀ'ରେ 'ଅଧିକାରୀ ଶୂନ୍ୟ ବୈପାରୀଗୁଡା ବ୍ଲକ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ସେହିପରି ତହସିଲଦାର ପଦବୀ ସମେତ ବ୍ଲକ କାର୍ଯ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବି ଖାଲି ରହିଛି।

■ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକିଣାକୁ ବିରୋଧ

# ୩ ଘଣ୍ଟା ରାସ୍ତା ଅବରୋଧ କଲେ ଚାଷୀ

**ଜୟପୁର,୨୮।୮(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ବ୍ଲକ ଜାମୁଣ୍ଡା ଓ କଙ୍ଗା ପଞ୍ଚାୟତର ଶତାଧିକ ଚାଷୀ ୨୬ ନଂ ଜାତୀୟ ରାଜପଥର କୁମୁଲିପୁଟଠାରେ ବୁଧବାର ରାସ୍ତା ଅବରୋଧ କରିଛନ୍ତି। ଚଳିତ ମଣ୍ଡିରେ ଧାନକିଣା ପାଇଁ ଲ୍ୟାମ୍ପସ ବଦଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦାୟିତ୍ୱ ଦିଆଯିବାର ପ୍ରତିବାଦ ଜଣାଇଛନ୍ତି ଚାଷୀ। ଏହାଦ୍ୱାରା ସେମାନେ ନିୟମିତ ଧାନ ବିକ୍ରି ଓ ଟଙ୍କା ଠିକ୍ ସମୟରେ ପାଇବା ବେଳେ ଅସୁବିଧା ହେବ ବୋଲି କହିଛନ୍ତି। ସେମାନେ ଲ୍ୟାମ୍ପସ ଜରିଆରେ ଧାନକିଣା ପାଇଁ ଦାବି କରିଥିଲେ ମଧ୍ୟ ଜିଲାପାଳ କିମ୍ବା ଉପଜିଲାପାଳ ପଦକ୍ଷେପ ନ ନେବାରୁ ଚାଷୀମାନେ ବୁଧବାର ଏକତ୍ରିତ ହୋଇ ୩ ଘଣ୍ଟା କାଳ ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ବିଧାୟକ ତାରାପ୍ରସାଦ ବାହିନୀପତି, ଉପଜିଲାପାଳ ଲୋକନାଥ ଦଳବେହେରା, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ସଦରଥାନା ଅଧିକାରୀ ଶିବଶଙ୍କର ସାହୁ, ଆମ୍ବାଗୁଡା ଫାଣ୍ଡି ଅଧିକାରୀ ନାରାୟଣ ପଟ୍ଟନାୟକ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ତଥା ମିଶନ ଶକ୍ତି ଦ୍ୱାରା ପ୍ରଶିକ୍ଷିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖରିଫ ଧାନ କିଣିବା ବ୍ୟବସ୍ଥା କରିଛନ୍ତି। ଏହା ସେମାନଙ୍କୁ ଆର୍ଥିକ ଭାବେ ସୁଦୃଢ଼ କରିବ ବୋଲି ସରକାର କହୁଥିବା ବେଳେ ଦଲାଲଙ୍କୁ ପୋଷିବାକୁ ଏପରି ଯୋଜନା ହୋଇଥିବା ବିଧାୟକ ବାହିନୀପତି ଅଭିଯୋଗ କରିଥିଲେ। ଚାଷୀ ଲ୍ୟାମ୍ପସରେ କିମ୍ବା ଏସ୍‌ଏଚ୍‌ଜିକୁ ଧାନ ଦେବେ, ରାଜ୍ୟ ସରକାର ଚାଷୀଙ୍କୁ ସେହି ସ୍ୱାଧୀନତା ଦେବା ଆବଶ୍ୟକ। ସେମାନଙ୍କ ଧାନ ଠିକ୍ ଭାବେ କିଣା ନହେଲେ ହଜାର ହଜାର ବସ୍ତା ଧାନ ରାଜରାସ୍ତାରେ ରଖାଯିବ। ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ବିଧାୟକ ବାହିନୀପତି। ଏନେଇ ଉପଜିଲାପାଳ ବେହେରା କହିଛନ୍ତି, ଚାଷୀଙ୍କ ଦାବିପତ୍ର ଗ୍ରହଣ କରିଛୁ।



ରାଜପଥରେ ବସିରହି ଅବରୋଧ କରିଛନ୍ତି ଚାଷୀ।

# ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ

■ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ପ୍ରତିଭା ସମ୍ମାନ

■ ସଂସଦର ମୁଖପତ୍ର 'ଆମ ଲେଖା' ଉନ୍ମୋଚିତ



**ଜୟପୁର,୨୮।୮(ଡି.ଏନ୍.ଏ.)**

ଜୟପୁର ପୂଜ୍ୟପୂଜା ସଂସଦର ୨୩ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସଂସଦର ସଭାପତି ଇଂ. କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ା ଯୋଗଦେଇ ସଂସଦ ପକ୍ଷରୁ ମହାପୁରୁଷଙ୍କ ଜୟନ୍ତୀ ଓ ତିରୋଧାନ ଦିବସ ପାଳନ ପାଇଁ ସମସ୍ତଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ରାଧାନାଥ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଉମାକାନ୍ତ ଦାଶ ଓ ସଂସଦର ଉପସଭାପତି ଭାସ୍କର ସାମନ୍ତରାୟ ଯୋଗ ଦେଇଥିଲେ । ଏହି ଅବସରରେ ସଂସଦ ପକ୍ଷରୁ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ 'ପ୍ରତିଭା ସମ୍ମାନ' ଦିଆଯିବା ସହ ମୁଖପତ୍ର 'ଆମଲେଖା'ର ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ତପନ କିରଣ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ, ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଓ ସହ ସଂପାଦକ ବୈରାଗୀ ସାହୁ ଧନ୍ୟବାଦ ଦେଇଥିଲେ। ଗତ ମଙ୍ଗଳବାର ପ୍ରଥମ ଦିବସରେ ସଂସଦର ସାହିତ୍ୟ ଚୁଙ୍ଗିର ବାର୍ଷିକ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ଜୟପୁରର କାର୍ଯ୍ୟକ୍ରମ ନିଷ୍ପାଦକ ଜଗଦିଶ ଅଧିକାରୀ ଓ ମୁଖ୍ୟବକ୍ତା ଭାବେ ନବରଙ୍ଗପୁର କୁଞ୍ଜବିହାରୀ ପାଠାଗାରର ସଭାପତି ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଏକ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା।

## ମାନସିକ ଅସୁସ୍ଥଙ୍କୁ ଉଦ୍ଧାର କଲେ ବାଲ୍ୟବନ୍ଧୁ

**ଜୟପୁର,୨୮।୮(ଡି.ଏନ୍.ଏ.)**

ଜୟପୁର ସହରର ଜଣେ ମାନସିକ ଅସୁସ୍ଥ ବ୍ୟକ୍ତି ରମେଶ ପୂଜାରୀ (ଟୁଟୁ)ଙ୍କୁ ଉଦ୍ଧାର କରି ନୂଆ ରାହା ଦେଖାଇଛନ୍ତି ବାଲ୍ୟବନ୍ଧୁ ଶିବାଜୀ ପଟ୍ଟନାୟକ। ଏହି ଖବର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଟୁଟୁଙ୍କୁ କୌଣସି ମନସ୍ତତ୍ତ୍ୱ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସା ସହ କାଉନସେଲିଂର ଆବଶ୍ୟକତା ରହିଛି । ସରକାର କିମ୍ବା କୌଣସି ସଂସ୍ଥା ଏହି ବ୍ୟବସ୍ଥା କରାଇଲେ ଟୁଟୁ ସୁସ୍ଥ ସମାଜକୁ ଫେରି ଆସିପାରିବେ ବୋଲି କହିଛନ୍ତି ଶିବାଜୀ। ଟୁଟୁ ପିଲାବେଳେ ଜଣେ ମେଧାବୀ ଛାତ୍ର ରହିବା ସହ ଭଲ କ୍ରିକେଟ୍ ଖେଳୁଥିଲେ। ଜୟପୁର ପୌରସଂସ୍ଥାରେ କର୍ମଚାରୀ ଭାବେ କାମ କରୁଥିଲେ, କିନ୍ତୁ ପ୍ରାୟ ୫ବର୍ଷ ତଳେ କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇବା ସହ ଆଉ ଘରକୁ ନଯାଇ ରାସ୍ତାରେ ଘୂରି ବୁଲୁଥିଲେ। କିଏ କିଛି ଦେଲେ ଖାଉଥିଲେ। ଦୋକାନ ବାରଣ୍ଡାରେ ଶୋଇପଡୁଥିଲେ। ଗତ ସୋମବାର ଶିବାଜୀ ପଟ୍ଟନାୟକ ନିଜ ମାନସିକ ଅସୁସ୍ଥ ବନ୍ଧୁଙ୍କୁ ରାସ୍ତାରେ ଅଟକାଇ ବୁଝାସୁଝା କରିବା ପରେ ସେଲୁନକୁ ନେଇ ଦୀର୍ଘ ବର୍ଷଧରି ବଢ଼ିଥିବା କେଶ, ଦାଢ଼ି କଟାଇବା ପରେ ନୂଆ ପୋଷାକ ପିନ୍ଧାଇଥିଲେ। ତାଙ୍କୁ ନିଜ ପାଖରେ ରଖି ଖାଇବାକୁ ଦେଇଛନ୍ତି।



ଉଦ୍ଧାର ପୂର୍ବରୁ ଓ ପରେ ଟୁଟୁଙ୍କ ସହ ଶିବାଜୀ।

କୋରାପୁଟ ମେଡିକାଲ କଲେଜର ମନସ୍ତତ୍ତ୍ୱ ବିଶେଷଜ୍ଞଙ୍କ ପାଖରେ ତାଙ୍କର ଚିକିତ୍ସା କରାଇବେ ବୋଲି ଶିବାଜୀ କହିଛନ୍ତି।

■ ସେବାଶ୍ରମ ଛାତ୍ରୀ ଗର୍ଭବତୀ ହେବା ଘଟଣା

## ଅଭିଯୁକ୍ତ ରୋଷେୟା ଗିରଫ

**ନନ୍ଦପୁର,୨୮।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ସ୍ଥିତ ଛାତ୍ରୀ ନିବାସରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣାରେ ଅଭିଯୁକ୍ତ ରୋଷେୟା ଶୁକ୍ରା ହନ୍ତାଳ (୨୧)ଙ୍କୁ ବୁଧବାର ନନ୍ଦପୁର ପୋଲିସ ଗିରଫ କରିଛି। ବୁଧବାର ପୀଡ଼ିତା ନାବାଳିକା ନିଜ ପରିବାର ଲୋକଙ୍କ ସହ ଆସି ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ କୈଳାସ ଚନ୍ଦ୍ର ଚୌଧୁରୀ ତଦନ୍ତ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଧାରା ୩୭୬(୨)(ଣ)/୪୧୭/୫୦୬ IPC/୬ ପୋକ୍ସୋ ଆଇନ ଅନୁସାରେ କେସ୍ ନମ୍ବର ୫୦/୧୯ରେ ମାମଲା ରୁଜୁ ହୋଇଛି। ଛାତ୍ରୀ ନିବାସରେ ରହୁଥିବା ବେଳେ ସେଠାକାର ରୋଷେୟା ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଛାତ୍ରୀ ଜଣକ ନିଜ ଏତଲାରେ ଦର୍ଶାଇଥିଲେ। ଗୁରୁବାର ପୀଡ଼ିତା ଛାତ୍ରୀ ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ ଶୁକ୍ରାଙ୍କୁ କୋର୍ଟ ଚାଲାଣ କରାଯିବ ।









## ଆରପିଡିଏସି ବୈଠକରେ ଦକ୍ଷିଣାଞ୍ଚଳ ଆର୍‌ଡିସି

# ନାଲକୋ ପେରିଫେରି ଏରିଆ ବିକାଶ ସମୀକ୍ଷା

**କୋରାପୁଟ,୨୮।୮(ସ୍ୱ.ପ୍ର.)**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ନବମ ଆରପିଡିଏସି ବୈଠକ ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନାଲକୋର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଛି। ନାଲକୋ ପକ୍ଷରୁ କରାଯାଉଥିବା ଆଇଟିଆଇ କେନ୍ଦ୍ରକୁ ତୁରନ୍ତ ସାରିବା, ସରକାର ଓ ନାଲକୋ ମଧ୍ୟରେ ନିଷ୍ପତ୍ତି ମୁତାବକ କ୍ଷତିଗ୍ରସ୍ତ ୧୨ ଜଣଙ୍କୁ ନାଲକୋରେ ନିଯୁକ୍ତି, ଜମିହରା ପରିବାରର ୪୧୬ ଜଣଙ୍କୁ ବିସ୍ଥାପନ ନିୟମ ଅନୁଯାୟୀ ନିଯୁକ୍ତି, ପେରିଫେରି ଅଞ୍ଚଳର ବିଧବା ମହିଳାଙ୍କ ଭତ୍ତା ବୃଦ୍ଧି ନେଇ ଆଲୋଚନା କରାଯାଇଥିଲା। ନାଲକୋ ପକ୍ଷରୁ ପେରିଫେରି ପାଣ୍ଠିକୁ ନାଲକୋ ଫାଉଣ୍ଡେସନ ସଂସ୍ଥା ଜରିଆରେ ଖର୍ଚ୍ଚ ନକରି ଆରପିଡିଏସ୍ କମିଟି ଜରିଆରେ ଖର୍ଚ୍ଚ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ୨୦୧୩-୧୪ରୁ ଏଯାବତ୍ ପେରିଫେରି ଅଞ୍ଚଳରେ ନାଲ୍‌କୋ ୧୨୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଦାମନଯୋଡ଼ିସ୍ଥିତ ପେରିଫେରି ଅଞ୍ଚଳରେ ୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନାଲକୋ ଇଡି ରବି ଶଙ୍କର ଦାସ କହିଛନ୍ତି। ଏହି ସମୟରେ ନାଲକୋ ଜମିହରା ସଂଘ ସମେତ ବିଭିନ୍ନ ସଂଘ କର୍ମକର୍ତ୍ତା ସେମାନଙ୍କ ଦାବି ସମ୍ପର୍କରେ କି ପ୍ରକାର ନିଷ୍ପତ୍ତି ହେଉଛି ଜାଣିବା ପାଇଁ ବୈଠକ ଗୃହ ବାହାରେ ଉପସ୍ଥିତ ଥିଲେ। ବୈଠକସ୍ଥଳ ଓ ବାହାରେ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଜିଲାପାଳ ମଧୁସୂଦନ ମିଶ୍ର, ନାଲକୋ ଇଡି ରବିଶଙ୍କର ଦାସ, ଏସ୍‌ପି ମୁକେଶ କୁମାର ଭାମୋ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ ଉପସ୍ଥିତ ଥିଲେ।

# ଆଧାର ସଂଯୋଗ ପାଇଁ ବ୍ଲକରେ ଗହଳି

## ପିଲାଛୁଆଙ୍କୁ ଧରି ଅଫିସ୍ ଆଗରେ ଅପେକ୍ଷାରତ ହିତାଧିକାରୀ



ଆଧାର କେନ୍ଦ୍ର ଆଗରେ ଅପେକ୍ଷାରତ ହିତାଧିକାରୀ।

**କୁନ୍ଦୁରା,୨୮।୮(ଡି.ଏନ୍.ଏ.)**

ଖାଉଟି କାର୍ଡ଼ଧାରୀଙ୍କୁ ଆଧାର ସଂଯୋଗ କରିବା ଦ୍ୱାରା ଚାଉଳ ବଣ୍ଟନ କ୍ଷେତ୍ରରେ ସ୍ୱଚ୍ଛତା ଆସିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏଥିପାଇଁ ରାଶନ କାର୍ଡ଼ ସହ ଆଧାର ସଂଯୋଗ ଜରୁରୀ ସହ ଏହାର ଶେଷ ତାରିଖ ଅଗଷ୍ଟ ୩୧ ତାରିଖ ଥିବାବେଳେ ପଞ୍ଚାୟତ ସ୍ତରୀୟ ଅଧିକାରୀ ଡାକବାଜି ଯନ୍ତ୍ରରେ ସଚେତନ କରିବା ପରେ ଆରମ୍ଭ ହୋଇଛି ଗହଳି। କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ୧୬ଟି ପଞ୍ଚାୟତରେ ପ୍ରାୟ ୮୦ରୁ ୯୦ ପ୍ରତିଶତ ରାଶନ କାର୍ଡ଼ରେ ଆଧାର ସଂଯୋଗ ହୋଇଥିବା ବେଳେ ଆଉ ୧୦ ପ୍ରତିଶତକୁ ୩୧ ତାରିଖ ଭିତରେ ଶେଷ କରାଯିବ। ଯେଉଁମାନେ ଅବହେଳା ବଶତଃ କିମ୍ବା କାର୍ଯ୍ୟବ୍ୟସ୍ତତା ଯୋଗୁ ଏହି କାମ କରିପାରି ନାହାନ୍ତି, ସେମାନେ ଏବେ କୁନ୍ଦୁରା ସ୍ଥିତ ରାଜୀବ ଗାନ୍ଧି ସେବାକେନ୍ଦ୍ରକୁ ଦୌଡୁଛନ୍ତି। ସେହିଭଳି ଯେଉଁମାନେ ପୂର୍ବରୁ ଆଧାର କାର୍ଡ଼ କରିଛନ୍ତି, ସେଥିରେ ମଧ୍ୟ ଅନେକ ତ୍ରୁଟି ରହିଥିବା ବେଳେ ଖାଉଟି କାର୍ଡ଼ ସହ ଆଧାର ସଂଯୋଗ ହୋଇପାରୁ ନାହିଁ। ଯେଉଁମାନେ ପୂର୍ବରୁ ଫଟୋ ଉଠାଇ ଏନରୋଲମେଣ୍ଟ ନମ୍ବର ନେଇ ଫେରିଥିଲେ, କିଛିଦିନ ପରେ ସେମାନେ କେନ୍ଦ୍ରକୁ ଆଧାର କାର୍ଡ଼ ପାଇଁ ପହଞ୍ଚିବା ବେଳେ କର୍ମଚାରୀମାନେ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି। ଫଳରେ ଲୋକେ ବିରକ୍ତ ହୋଇ ଆଧାର କାର୍ଡ଼ ଆଣିବାକୁ ଯାଉନାହାନ୍ତି। ଏବେ ଚୂଡ଼ାନ୍ତ ଘୋଷଣା ପରେ ଯେଉଁମାନେ ଆଧାର ସଂଯୋଗ କରିନାହାନ୍ତି, ସେମାନେ ପିଲାଛୁଆଙ୍କୁ ଧରି ଭୋର୍‌ରୁ ବାହାରି ଆଧାର କେନ୍ଦ୍ରରେ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳୁଛି। ଏଠାରେ ଦିନକୁ ୫୦ରୁ ୬୦ ଜଣଙ୍କର ଆଧାର ସଂଯୋଗ କରାଯାଇପାରୁ ଥିବାବେଳେ ଅଗଷ୍ଟ ୩୧ ଭିତରେ ଟାର୍ଗେଟ୍ ପୂରଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ବିଡିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗୋଟିଏ ଆଧାର କେନ୍ଦ୍ରରେ ସମସ୍ତଙ୍କ ଆଧାର କାର୍ଡ଼ କରିବା ସମ୍ଭବ ହୋଇପାରୁ ନାହିଁ। ଏନେଇ ଜିଲା ଆଧାର ସଂଯୋଜକଙ୍କ ସହ ଯୋଗାଯୋଗ କରି ଏହାର ସମାଧାନ କରିବି ବୋଲି ସେ କହିଛନ୍ତି।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍‌ଟନ୍



## ସଂକ୍ଷେପରେ



### ବୟନଶିଳ୍ପ ମନ୍ତ୍ରୀଙ୍କ ବୈପାରୀଗୁଡ଼ା ଗସ୍ତ

ବୈପାରୀଗୁଡ଼ା,୨୮।୮(ଡି.ଏନ୍.ଏ.): କୋଟପାଡ଼ ବିଧାୟିକା ତଥା ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବୁଧବାର ବୈପାରୀଗୁଡ଼ା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଜୁ ବାହିନୀ ପକ୍ଷରୁ ଚାରାରୋପଣ କରିବାଛନ୍ତି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ପରିଚାଳନା କମିଟି ସଭାପତି ମନୋଜ ମହାପାତ୍ର, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ଓ ବନାଞ୍ଚଳ ଅଧିକାରୀ ରମେଶ ରାଉତ ଉପସ୍ଥିତ ଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଫଳଚାରା ଲଗାଯାଇଥିଲା। ଏହାପରେ ମନ୍ତ୍ରୀ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମିତି ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିଥିଲେ। ବିଗତ ଦିନରେ ସରପଞ୍ଚମାନଙ୍କ ବିଭିନ୍ନ ପ୍ରସ୍ତାବକୁ ଅଣଦେଖା କରିବା ତଥା ବୈଠକରେ ଉପସ୍ଥିତ ରହିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପୂର୍ବ ସୂଚନା ଦିଆ ନଯିବା ପ୍ରତିବାଦରେ ସମସ୍ତ ୨୦ ପଞ୍ଚାୟତର ସରପଞ୍ଚ ବୈଠକ ବର୍ଜନ କରିଥିଲେ। ଫଳରେ ଏହା ଫିକା ପଡ଼ିଥିଲା। ବୈପାରୀଗୁଡ଼ା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହୋଇଥିବା ଡ୍ରେନ୍‌ରେ ନିମ୍ନମାନର କାମ ସମ୍ପର୍କରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

### ସତ୍ୟସାଇ ସେବା ସମିତି ପକ୍ଷରୁ ଚାରାରୋପଣ



ଦାମନଯୋଡ଼ି,୨୮।୮(ଡି.ଏନ୍.ଏ.): କୋରାପୁଟ ଜିଲା ସତ୍ୟସାଇ ସେବା ମଣ୍ଡଳ ପକ୍ଷରୁ ସେମିଲିଗୁଡ଼ା ବ୍ଲକ୍ ଅଧୀନସ୍ଥ ଶୁଣ୍ଡିପୁଟ ଗ୍ରାମରେ ୩ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହାପ୍ରବନ୍ଧକ ଇଂ. ଅରୁଣ ଦାସ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲଗାଯାଇଥିବା ଚାରାର ଯତ୍ନ ନେବା ପାଇଁ ସତ୍ୟସାଇ ସେବା ସମିତିର ସମସ୍ତ ଭଉଣୀ ଭାଇ ଶପଥ ନେଇଥିଲେ। ବନବିଭାଗ ସେମିଲିଗୁଡ଼ା ରେଞ୍ଜ୍ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ। ସମିତିର ଜିଲା ସଭାପତି ଏସ୍.ଏନ୍. ରାଓ, ନୀଳାଞ୍ଚଳ ମିଶ୍ର, ରେଞ୍ଜର୍ ପ୍ରସାଦ ବିଷୋୟୀ, ଫରେଷ୍ଟର ତ୍ରିପତି ପଣ୍ଡା, ଗଜେନ୍ଦ୍ର ପୂଜାରୀ, ସେବା ସଂଯୋଜକ ଟୁକୁନା ସାହୁ, ବିନୋଦ ଚନ୍ଦ୍ର ସାହୁ, ଭେଙ୍କେଟ ରାଓ ଉପସ୍ଥିତ ଥିଲେ।

■ ମେଡିକାଲ କଲେଜ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

# ଭିତ୍ତିଭୂମି ବିକାଶକୁ ଜୋର୍ ଦେଲେ ଆରଡିସି

କୋରାପୁଟ,୨୮।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଟି. ଆପାଙ୍ଗ ଆଓଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ମେଡିକାଲ କଲେଜର ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ମେଡିକାଲ ଅଧୀକ୍ଷକ ପ୍ରଫେସର ହରେକୃଷ୍ଣ ଦଳେଇଙ୍କ ସମେତ ସ୍ୱାସ୍ଥ୍ୟ ବିକାଶ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ମେଡିକାଲ କଲେଜର ଭିତ୍ତିଭୂମି ଉନ୍ନତି ଉପରେ ଜୋର୍ ଦିଆଯିବା ସହ ଉତ୍ତମ ରୋଗୀ ସେବା, ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ, ମେଡିକାଲରେ ଆବଶ୍ୟକ ଉପକରଣ ଓ ଔଷଧ ଯୋଗାଣ, ରୋଗୀଙ୍କୁ ନେବା ଆଣିବା ପାଇଁ ହୁଇଲ ଚେୟାର ଓ ଷ୍ଟ୍ରେଚର ଆମ୍ବୁଲାନ୍ସ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ସେହିପରି ମେଡିକାଲ କଲେଜ ଓ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ସିସିଟିଭି ଲଗାଇବା, ସର୍ବସାଧାରଣଙ୍କ ପାଇଁ ସୂଚନା କେନ୍ଦ୍ର ଖୋଲାଯିବା ଉପରେ ମଧ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର ନନ୍ଦ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଚମନ ଲାକ୍ରା, କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆରଡିସିଙ୍କ ସହ ଅନ୍ୟମାନେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ତାଲିମ



ତାଲିମ ଶିବିରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଶିବିରାର୍ଥୀମାନେ।

କୋରାପୁଟ,୨୮।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲାସ୍ତରୀୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ତିନିଦିନିଆ ଆବାସିକ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲା ଜଳ ଓ ପରିମଳ ମିଶନ କୋରାପୁଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଶୁଭାରମ୍ଭ କରିଥିଲେ । ଏଥିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ଜିଲା ଜଳ ଓ ପରିମଳ ମିଶନ ନିର୍ବାହୀ ଯନ୍ତ୍ରୀ, ରାଜ୍ୟ ଆଇସି ବିଶେଷଜ୍ଞ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସମ୍ପଦ ଗୋଷ୍ଠୀ ଗଠନ କରିବା ଦିଗରେ ସାଧାରଣ ଲୋକଙ୍କୁ ସଚେତନ କରାଇବା, ଏହାର ବୈଷୟିକ ଜ୍ଞାନ ଉପରେ ତାଲିମ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲା ସଦର ବ୍ଲକର ମରିଚମାଳ, ଲିଟିଗୁଡ଼ା, ମାଥାଲପୁଟ ପଞ୍ଚାୟତ, କୁନ୍ଦୁରା ପଞ୍ଚାୟତ, କୋଟପାଡ଼ ବ୍ଲକର ବୋବେୟା, ପଟ୍ଟାଙ୍ଗି ବ୍ଲକର ଦେଓ ପଟ୍ଟାଙ୍ଗିରେ ଏହିପରି ସଚେତନତା କାର୍ଯ୍ୟକ୍ରମ ପାଇଁ କର୍ମଚାରୀଙ୍କୁ ତାଲିମ ଦିଆଯାଉଥିବା ବେଳେ ମାଲକାନଗିରି ଜିଲାର କୋରକୋଣ୍ଡା ବ୍ଲକର ପେଦୁଗୁଡ଼ା, ମାଲକାନାଗିରି ବ୍ଲକ ସୋମନାଥପୁର, କାଲିମେଳା ବ୍ଲକ ତାଣ୍ଡବାଇ ୩ଟି ପଞ୍ଚାୟତର ବିଭାଗୀୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଏଥିରେ ଆଇସି ବିଶେଷଜ୍ଞ ଦେବାଶିଷ ବିଶ୍ୱାଳ, ମାଲକାନଗିରି ଜିଲାର ନିର୍ମଳ ଏକ୍କା, କୋରାପୁଟ ଜିଲାର ୟୁନିସେଫର ଶ୍ୟାମ ସୁନ୍ଦର ପୂଜାରୀ, ଗଜପତି ଜିଲାର ମାଷ୍ଟର ଟ୍ରେନର ଲିଙ୍ଗରାଜ ପାଣିଗ୍ରାହୀ ତାଲିମ ଦେଇଥିଲେ। ସୀମା ସ୍ୱାରକୀ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ନାୟକ, ସାଇ କିରଣ ପାଳ, ଏସ୍.ଏସ୍. ପ୍ରଭା ଏଥିରେ ସହଯୋଗ କରିଥିଲେ।

■ ପିଏମ୍‌ଏୱାଇ ସଚେତନତା ଶିବିର

# ଚଳିତ ବର୍ଷ ୧୩୮୪ ହିତାଧିକାରୀ ପାଇବେ ଘର

ଦଶମନ୍ତପୁର,୨୮।୮(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ବୁଧବାର ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ସଚେତନ କରାଯାଇଛି। ବିଡିଓ ଉମ୍ବରୁଧର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଚଣାବାଡ଼, ଦଶମନ୍ତପୁର, ମୁର୍କାର, ପିଣ୍ଡାପଦର ଓ ବେଡ଼ାପଦର ପଞ୍ଚାୟତର ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ। ସେମାନେ ୧.୩ ଲକ୍ଷ ଟଙ୍କାରେ କିପରି ଏକ ଭଲ ଘରଟିଏ ତିଆରି କରିପାରିବେ, ତାହା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଡିଓ କହିଥିଲେ। ଏହାସହ ୩ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରୁଥିବା ହିତାଧିକାରୀଙ୍କୁ ବୋନସ୍ ମଧ ମିଳିବ ବୋଲି ସେ କହିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ମଧ ୧୫ ହଜାର ଟଙ୍କା ମିଳିବ। ଗୃହ ପାଇବା ଓ ନିର୍ମାଣ କରିବା ପାଇଁ କାହାକୁ ଲାଞ୍ଚ ନ ଦେବାକୁ ଏଠାରେ ସଚେତନ କରାଯିବା ସହ ସରକାର ରଖିଥିବା ନିୟମାବଳୀ ସମ୍ପର୍କରେ ହିତାଧିକାରୀଙ୍କୁ ଶପଥପାଠ କରାଯାଇଥିଲା। ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ଲକ୍‌ର ମୋଟ ୧୩୮୪ ଜଣ ହିତାଧିକାରୀ ଆବାସ ଗୃହ ପାଇବେ। ଏଥିରେ ଚଣାବାଡ଼ ପଞ୍ଚାୟତର ୧୮ଜଣ ହିତାଧିକାରୀ, ଦଶମନ୍ତପୁର ପଞ୍ଚାୟତ ୮୦, ପରଜା ବେଡ଼ାପଦର ୨୬, ପୋଡ଼ାଗଡ଼ ୧୪୭, ପିଣ୍ଡାପଦର ୧୪୪, ପି. ଫୁଲବେଡ଼ା ୧୦୯, ନନ୍ଦିଗାଁ ୪୫, ମୁର୍କାର ୫୨, ମୁଜାଙ୍ଗ ୫୯, ଏ. ମାଲକାନଗିରି ୨୦, ଚିକାମ୍ବ ୨୧, ଦୁଆରଶୁଣି ୧୧୦, ଜୁମ୍ବାଗୁଡ଼ା ୮୩, ଗାଦିଆଗୁଡ଼ା ୧୪୬, ଗିର୍ଲିଗୁମ୍ମା ୧୯୪ ଏବଂ ଲୁଲ୍ଲା ପଞ୍ଚାୟତରେ ୧୩୦ ଜଣ ହିତାଧିକାରୀ ରହିଥିବା ସହକାରୀ ଯନ୍ତ୍ରୀ ଇଂ. ଦଶରଥ ମୁର୍ମୁ ସୂଚନା ଦେଇଛନ୍ତି।



ସଚେତନତା ଶିବିରରେ ଅତିଥିଙ୍କ ଗହଣରେ ହିତାଧିକାରୀମାନେ।

ଦିବ୍ୟାଙ୍ଗଙ୍କଠାରୁ ଲାଞ୍ଚ ନେବା ମାମଲା

## ଜେଲ ଗଲେ ଏଆର୍‌ଆଇ

ଜୟପୁର,୨୮।୮(ନି.ପ୍ର.)

ପୈତୃକ ସମ୍ପତ୍ତିର ଡିମାର୍କେସନ କରିବା ପାଇଁ ଜଣେ ଦିବ୍ୟାଙ୍ଗଙ୍କଠାରୁ ୨୫ ଶହ ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ବଲଡା ସହକାରୀ ରାଜସ୍ୱ ନିରିକ୍ଷକ (ଏଆର୍‌ଆଇ) କୈଳାସ ଚନ୍ଦ୍ର ବିଶ୍ୱାଳଙ୍କୁ ଜେଲ ପଠାଇ ଦିଆଯାଇଛି । ଭିଜିଲାନ୍ସ ଅଭିଯୁକ୍ତ ଥିବା ଏଆର୍‌ଆଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ତାଙ୍କୁ ୪ ତାରିଖ ଯାଏ ଜେଲକୁ ପଠାଇଦେଇ ଥିବାବେଳେ ଜାମିନ ଶୁଣାଣି ସେହିଦିନ ହେବା ନେଇ ନିଷ୍ପତ୍ତି ହୋଇଛି। ପରେ ଏଆରଆଇଙ୍କୁ ଜୟପୁର ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି। ଏନେଇ ଭିଜିଲାନ୍ସ କେସ୍ ନଂ ୨୧/୧୯ରେ ଏକ ମାମଲା ରୁଜୁ କରିଥିଲା।

## ଆଧାରକାର୍ଡ ପ୍ରସ୍ତୁତି ପାଇଁ ଭିଡ଼

ଜୟପୁର,୨୮।୮(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ଆଇନ କାର୍ଡଧାରୀଙ୍କୁ ଆଧାରକାର୍ଡ ସଂଯୋଗୀକରଣ ବାଧ୍ୟତାମୂଳକ କରାଯିବା ସହ ଏହାର ଅନ୍ତିମ ଦିବସ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜୟପୁର ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ଆଧାରକାର୍ଡ ପ୍ରସ୍ତୁତ କେନ୍ଦ୍ରରେ ପ୍ରବଳ ଭିଡ଼ ଦେଖାଯାଇଛି। ମହିଳା ଓ ପୁରୁଷ ଓ ସେମାନଙ୍କ ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ଏହି କାର୍ଡରେ ଅନ୍ତର୍ଭୁକ୍ତ ହୋଇଥିଲେ ସୁଦ୍ଧା ଅଧାରାକାର୍ଡ ନଥିବା ଯୋଗୁ ଏବେ ତାହା କରିବା ପାଇଁ ଭିଡ଼ରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳର ହିତାଧିକାରୀ ଏହି ଆଧାରକାର୍ଡ ପ୍ରସ୍ତୁତି ପାଇଁ ନିଜଛୋଟ ଛୁଆଙ୍କୁ ଧରି ଦୀର୍ଘ ସମୟ ଯାଏ ପ୍ରସ୍ତୁତି କେନ୍ଦ୍ରରେ ଅପେକ୍ଷା କରି ରହିଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୨୮।୮(ସ୍ୱ.ପ୍ର.)

କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୩ ବାଣିଜ୍ୟ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ପ୍ରକାଶ ପ୍ରଧାନ, ଅଧ୍ୟାପକ ଶିବ ଶଙ୍କର ଦାସ, ଅଧ୍ୟାପିକା ଅମିତା ଦାସ ଉପସ୍ଥିତ ଥିଲେ। ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ୭୪ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।





ପଦକ ଜିତିଥିବା ଜୟପୁରର କୃତୀ ଖେଳାଳିମାନେ।

■ ଜାତୀୟ କରାଟେ ପ୍ରତିଯୋଗିତା

# ବ୍ରୋଞ୍ଜ ଜିତିଲେ ଜୟପୁରର ୪ ଖେଳାଳି

ଜୟପୁର,୨୮।୮(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସ୍ଥିତ ଉତ୍କଳ କରାଟେ ସ୍କୁଲର ୪ଜଣ ଛାତ୍ର ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରେଳବିଭାଗ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଜୟପୁର ଖେଳାଳି ଅଂଶୁମାନ ସିଂ ଲାଲ ୫୨ କିଲୋଗ୍ରାମ (ଫାଇଟ୍), ନିତିନ ପାଇକରାୟ ୪୨କିଲୋଗ୍ରାମ (ଫାଇଟ୍), ମନୋଜ ଜେନା ୫୫ କିଲୋଗ୍ରାମ (ଫାଇଟ୍), ଆୟୁଷ କୁମାର ଦାଶ ୨୫ କିଲୋଗ୍ରାମ (ଫାଇଟ୍)ରେ ତୃତୀୟ ସ୍ଥାନ ଅଧିକାର କରି ପଦକ ଜିତିଛନ୍ତି। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଗୁଜୁରାଟ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର ଖେଳାଳିମାନେ ଭାଗ ନେଇଥିଲେ । ଜୟପୁର ଦଳର କୋଚ୍ ଭାବେ ଜିଲା ସମ୍ପାଦକ ତଥା ଅନ୍ତର୍ଜାତୀୟ ରେଫ୍ରି ମୁନା ସିଂ ଲାଲ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ରେଫ୍‌ରୀ ହେବେ ଜୟପୁରର କରାଟେ ପ୍ରଶିକ୍ଷକ

ଜୟପୁର,୨୮।୮(ଡି.ଏନ୍.ଏ.)



ଦିଲ୍ଲୀଠାରେ ଗତ ସପ୍ତାହରେ ଅନୁଷ୍ଠିତ ବିଶ୍ୱ କରାଟେ ଫେଡେରେସନ ପ୍ରତିଯୋଗିତା ନିୟମ ଏବଂ ରେଫରି କର୍ମଶାଳାରେ ରାଜ୍ୟର ୭ଜଣ ପ୍ରଶିକ୍ଷକଙ୍କୁ ଅନ୍ତର୍ଜାତୀୟ ରେଫରି ଭାବେ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏଥିରେ କୋରାପୁଟ ଜିଲା ଜୟପୁରର ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ମୁନା ସିଂ ଲାଲ ମନୋନୀତ ହୋଇଛନ୍ତି । ଏନେଇ କୋରାପୁଟ ଜିଲାରେ ଆନନ୍ଦ ପ୍ରକାଶ ପାଇଛି। ଜିଲାରେ କରାଟେର ପ୍ରଚାର ପ୍ରସାରରେ ପ୍ରଶିକ୍ଷକ ସିଂ ଲାଲଙ୍କ ଅବଦାନ ରହିଥିବା ବେଳେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ସମସ୍ତ ପରିଚାଳନା ଦାୟିତ୍ୱ ନେଇଥିବା ସଭାପତି କୃଷ୍ଣଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି।

# କୋଟପାଡ଼ରେ ବଢୁଛି ବାଇକ ଚୋରି

■ଚୋରି ବାଇକ ଉଦ୍ଧାର କଲେ ଯୁବବର୍ଗ
■ଚକ୍‌ମା ଦେଖାଇ ଚୋର ଫେରାର

ଚାନ୍ଦିଲି (କୋଟପାଡ଼), ୨୮।୮(ଡି.ଏନ୍.ଏ.)

କୋଟପାଡ଼ରେ ଦିନକୁ ଦିନ ବଢ଼ି ଚାଲିଛି ବାଇକ୍ ଚୋରି । ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଅସ୍ତୁ ଗୁମୁଡ଼ିଆ ନିଜ ବାଇକ୍ (ଓଡି ୧୦ଏ ୯୭୩୯) ଗୋଟିଏ ଦୋକାନ ସାମ୍ନାରେ ସଉଦା କରିବା ଭିତରେ ତାହା ଚୋରି ହୋଇଯାଇଛି। ବିଳମ୍ବିତ ରାତିରେ ୨ ଜଣ ବ୍ୟକ୍ତି ପେଟ୍ରୋଲ ନ ଥିବା ଯୋଗୁ କୁଞ୍ଜାଗୁଡ଼ା ସାହି ବିଦ୍ୟାଳୟ ପରିସରରେ ବାଇକ୍ ଛାଡ଼ି ପଳାଇଥିଲେ। ପାହାନ୍ତାରେ ସେମାନେ ପୁଣି ଆସି ଟାଙ୍କି ତାଲା ଭାଙ୍ଗି ତେଲ ପକାଉଥିବା ସମୟରେ ନିକଟସ୍ଥ ଗଣେଶ ପୂଜା ମଣ୍ଡପରେ ଥିବା ଯୁବକ ଅଶୋକ ମଣ୍ଡଳ, ବୁଦ୍ଧୁରାମ ମାଝୀ, ସନ୍ଦୀପ ସାହୁ, ପଦ୍ମନ ନାୟକ, ଶଙ୍କର ଚାଲାଣ, ନରସିଂହ ମାଝୀ, ବୁଟି ମାଝୀ, କୁଞ୍ଜବିହାରୀ ପାତ୍ର ସନ୍ଦେହରେ ସେମାନଙ୍କୁ ଅଟକାଇଥିଲେ। ପଚରାଉଚୁରା ବେଳେ ସେମାନେ ନବରଙ୍ଗପୁର ମାଝୀଗୁଡ଼ାର ବୋଲି କହିଥିଲେ। ଖବର ପାଇ ଅଁଳାଭଟ୍ଟା ଗ୍ରାମରୁ ମାଲିକ ଅସ୍ତୁ ଗୁମୁଡ଼ିଆ ଘଟଣାସ୍ଥଳକୁ ଆସିବା ପୂର୍ବରୁ କୌଶଳ କରି ୨ ଚୋରି ଖସିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ସେହି ସ୍ଥାନରୁ କୁଞ୍ଜାଗୁଡ଼ା ସାହିର ନରସିଂହ ମାଝୀଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା।

# ଶିବିରରେ ୭ଶହ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଦାମନଯୋଡ଼ି,୨୮।୮(ଡି.ଏନ୍.ଏ.)

ନାଲ୍‌କୋ ଟାଉନ୍‌ସିପ୍ ସରସ୍ୱତୀ ବିଦ୍ୟାମନ୍ଦିର ସେକ୍ଟର-୨ ସ୍କୁଲରେ ବୁଧବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦିଆଯାଇଥିଲା। ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ସହ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ର ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ୍ ନାୟକଙ୍କ ନେତୃତ୍ୱରେ ଡା. ଅଭିଜିତ୍ ଦାସ, ଡା. ସାଗରିକା ଚୌଧୁରୀ, ଡା. ଅବିନାଶ ଚିନ୍ନାରା, ଡା. ଧ୍ରୁତ ସୁନା, ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ସ୍ମିତା ନାୟକ, କାମିନୀ ପାତ୍ର, ସ୍ୱାସ୍ଥ୍ୟକର୍ମୀ ମାନସ ସ୍ୱାଇଁ, ବେବି ସ୍ୱାଇଁ ଓ ଅର୍ଚ୍ଚନା ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏଠାରେ ପ୍ରାକ୍ ନର୍ସରୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ପିଲାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରାଯିବ। ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ସେନାପତିଙ୍କ ସହ ପରିଚାଳନା କମିଟି କର୍ମକର୍ତ୍ତା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେକ୍ଟର-୨ ସ୍କୁଲ୍‌ର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁନନ୍ଦା ଦେବୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅସୀମା ଦାସଙ୍କ ଅନ୍ୟମାନେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

■ ଗଣେଶ ପୂଜା ପାଇଁ ପ୍ରଶାସନିକ ବୈଠକ

# ଡିଜେ, ବାଣ ଉପରେ କଟକଣା

ଜୟପୁର,୨୮।୮(ଡି.ଏନ୍.ଏ./ନି.ପ୍ର.)

ସେପ୍ଟେମ୍ବର ୨ରେ ଜୟପୁର ସହରରେ ଗଣେଶ ପୂଜା ପାଳନ ପୂର୍ବରୁ ଉପଖଣ୍ଡ ପ୍ରଶାସନ ମଙ୍ଗଳବାର ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରିଛି। ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିବା ବେଳେ ସେମାନଙ୍କ ଆଗରେ କିଛି କଟକଣା ରଖାଯାଇଛି। ବିସର୍ଜନ ଶୋଭାଯାତ୍ରା ବେଳେ ଡିଜେ ବ୍ୟବହାର ଓ ବାଣ ଫୁଟାଇବା ଉପରେ ଅଙ୍କୁଶ ଲଗାଯାଇଛି। ଗଣେଶ ପୂଜାର ତୃତୀୟ, ପଞ୍ଚମ ଓ ସପ୍ତମ ଦିବସରେ ବିସର୍ଜନ କରାଗଲେ ସହରର ମୁଖ୍ୟରାସ୍ତାକୁ ଶୋଭାଯାତ୍ରା ପାଇଁ ବ୍ୟବହାର କରାଯାଇପାରିବ ଓ ସେଥିରେ ପୋଲିସ ମୁତୟନ ସହ ବିସର୍ଜନ ସ୍ଥଳୀରେ ଅଗ୍ନିଶମ ବାହିନୀ ଉପସ୍ଥିତ ରହିବ। ଅନ୍ୟ ଦିବସରେ ବିସର୍ଜନ କଲେ ମୁଖ୍ୟରାସ୍ତାର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ଜଗନ୍ନାଥ ସାଗର ପାର୍ଶ୍ୱରେ ନିର୍ମିତ ଏକ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜିତ ହେବ। ସେଠାରେ ଆଲୋକ ଓ ରାସ୍ତାର ମରାମତି ପାଇଁ ପୌରସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବିସର୍ଜନ ଶୋଭାଯାତ୍ରାର ୩ ଦିନ ପୂର୍ବରୁ ପୋଲିସଠାରୁ ଅନୁମତି ନେବା ସହ ତାହାର ରୁଟ୍ ଅନୁଯାୟୀ ମେଢ଼ ବିସର୍ଜନ ସ୍ଥଳୀକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବଡ଼ମୂର୍ତ୍ତି ବିସର୍ଜନ ବେଳେ କ୍ରେନ୍ ପାଇଁ ସଂପୃକ୍ତ ପୂଜା କମିଟି ଖର୍ଚ୍ଚ ବହନ କରିବେ। ବୈଠକରେ ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ ଏବଂ ୬୦ରୁ ଅଧିକ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଗଣେଶ ପୂଜା ପାଇଁ ପ୍ରଶାସନିକ ବୈଠକରେ ଅତିଥିମାନେ।

